# ଆଜିଠୁ କାଉଣ୍ଟର୍‌ରେ ଟ୍ରେନ୍ ଟିକେଟ୍ ବୁକିଂ

**ନୂଆଦିଲ୍ଲୀ, ୨୧।୫/ଏଜେନ୍ସି :**

ଜୁନ୍ ୧ରୁ ଦେଶରେ ସାଧାରଣ ଯାତ୍ରୀଙ୍କ ପାଇଁ ୨୦୦ଟି ନନ୍ ଏସି ( ଅଣ ଶୀତତାପ ନିୟନ୍ତ୍ରିତ) ଟ୍ରେନ ଚଳାଚଳ କରିବ। ଏଥିପାଇଁ ଗୁରୁବାର ଠାରୁ ଅନ୍‌ଲାଇନ୍ ଟିକେଟ୍ ବୁକିଂ ଆରମ୍ଭ ହୋଇଛି। ତେବେ ଦେଶରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ପାଇଁ ଅଧିକ ଟ୍ରେନ ଚଳାଚଳ କରିବ ବୋଲି ରେଳମନ୍ତ୍ରୀ ପୀୟୁଷ ଗୋୟଲ ଘୋଷଣା କରି କହିଛନ୍ତି ଶୁକ୍ରବାର ଠାରୁ ୧.୭ ଲକ୍ଷ ଜନସେବା କେନ୍ଦ୍ରରେ ଏଥିପାଇଁ ଟିକେଟ୍ ବୁକିଂ ଆରମ୍ଭ ହେବ । ଆସନ୍ତା ଦୁଇ ତିନି ମଧ୍ୟରେ ଷ୍ଟେସନଗୁଡିକର ଟିକେଟ୍ କାଉଣ୍ଟରରେ ମଧ୍ୟ ଟିକେଟ୍ ବୁକିଂ ଆରମ୍ଭ ହେବ। ବର୍ତ୍ତମାନ ଯାତ୍ରୀମାନେ ରେଳ ଷ୍ଟେସନରେ ଟିକେଟ୍ କାଉଣ୍ଟରରେ ଟିକେଟ୍ ପାଉନାହାଁନ୍ତି। ଆମେ ଏ ଦିଗରେ ଅନୁଧ୍ୟାନ କରୁଛୁ ଏବଂ ନିର୍ଦ୍ଦେଶାବଳୀ ପ୍ରସ୍ତୁତ ହେଉଛି। ସାଧାରଣ ସେବା କେନ୍ଦ୍ରଗୁଡିକ ହେଉଛି ଗ୍ରାମାଞ୍ଚଳ ଏବଂ ସୁଦୂର ସ୍ଥାନରେ ସରକାରଙ୍କ ଇ-ସେବା ଯୋଗାଉଥିବା କେନ୍ଦ୍ର। ଉଲ୍ଲେଖଯୋଗ୍ୟ ଗୁରୁବାର ଠାରୁ ଅନ୍‌ଲାଇନ୍‌ରେ ଆରମ୍ଭ ହୋଇଥିବା ଟିକେଟ୍ ବୁକିଂର ପ୍ରଥମ ଦିନରେ ୨ ଘଣ୍ଟା ମଧ୍ୟରେ ୭୩ଟି ସ୍ୱତନ୍ତ୍ର ଟ୍ରେନ ପାଇଁ ୧,୪୯,୦୨୫ ଟିକେଟ୍ ବୁକିଂ ହୋଇଛି। ଜୁନ୍ ୧ରୁ ଚାଲିବାକୁ ଥିବା ୧୦୦ ଯୋଡା ଯାତ୍ରୀବାହୀ ଟ୍ରେନର ଏକ ତାଲିକା ରେଳବାଇ ପକ୍ଷରୁ ବୁଧବାର ପ୍ରକାଶ କରାଯାଇଥିଲା। ଏଥିମଧ୍ୟରେ ଦୁରନ୍ତୋ, ସଂପର୍କ କ୍ରାନ୍ତି, ଜନ ଶତାବ୍ଦୀ ଏବଂ ପୂର୍ବା ଏକ୍ସପ୍ରେସ୍ ଭଳି ଲୋକପ୍ରିୟ ଟ୍ରେନ ଅନ୍ତର୍ଭୁକ୍ତ।

## ଅଧିକ ଟ୍ରେନ ଚାଲିବ: ଗୋୟଲ

ନିତିଦିନ NITIDIN Fri, May 22, 2020
http://odishanewsnitidin.com